# ଖବରକାଗଜ ସଂଗ୍ରାହକ- ଶଶାଙ୍କ ଶେଖର ଦାଶ



(ଯାଜପୁର ଜିଲ୍ଲା ବରୀ ବ୍ଲକ ଅରଙ୍ଗାବାଦ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶଶାଙ୍କ ଶେଖର ଦାଶ ଏକାଧାରାରେ ଜଣେ ସାମ୍ବାଦିକ, ସ୍ୱେଚ୍ଛାସେବୀ, ସଂଗଠକ, ସାହିତ୍ୟିକ ଓ ସଂଗ୍ରାହକ । ସେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରି ଅଧୁନା ଏକ ଘରୋଇ କଂପାନୀର କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟରତ । ତାଙ୍କର ସଂଗ୍ରହକୁ ନେଇ ନିଜ ପିତାଙ୍କ ନାମରେ ଏକ ଖବରକାଗଜ ସଂଗ୍ରହାଳୟ କରିବାର ଯୋଜନାରେ ମଗ୍ନ । ତାଙ୍କ ସହିତ ସାକ୍ଷାତ କରିଛନ୍ତି ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ । ସଂଗ୍ରାହକଙ୍କ ସହ ଯୋଗାଯୋଗ- ୯୮୬୧୧ ୭୨୬୦୫)

ପ୍ର:- ଖବରକାଗଜ ସଂଗ୍ରହ କରିବା ପାଇଁ ଆପଣ କାହିଁକି ମନ ବଳାଇଲେ, ଏବଂ ଏହାର ପ୍ରଚ୍ଛଦ ପଟ କାହାଣୀ କ'ଣ ?

ଉ:- ସାମ୍ବାଦିକତା କରୁଥିବା ସମୟରେ ଦେଖିଲି ଅନେକ ଖବରକାଗଜ ପ୍ରକାଶ ପାଉଛି ପୁଣି କେତେବେଳେ ବନ୍ଦ ହୋଇଯାଉଅଛି, ତାହା ଜଣା ପଡୁନାହିଁ। ଆଜିକାଲିର ପିଲାମାନେ ସେଗୁଡ଼ିକ ସମ୍ପର୍କରେ ଜାଣିବା ପାଇଁ କୌଣସି ଅବକାଶ ନାହିଁ। ଏମିତି ଭାବନାରେ ଖବର କାଗଜ ସଂଗ୍ରହ କରିବାକୁ ଇଚ୍ଛା ହେଲା। ପ୍ରଥମେ ଓଡିଶାରୁ ପ୍ରକାଶ ପାଉଥିବା ପରେ ଭାରତର ଏବଂ ବିଦେଶର ଖବରକାଗଜ ସଂଗ୍ରହ କରାଗଲା।

ପ୍ର:- କେବେ ଆପଣ ଏହା ଆରମ୍ଭ କରିଛନ୍ତି ଏବଂ ବର୍ତ୍ତମାନ ଆପଣଙ୍କ ନିକଟରେ କେତୋଟି ସମ୍ବାଦପତ୍ର ଅଛି ?

ଉ:- ୨୦୦୧ ମସିହାରେ ଏକ କ୍ଷୁଦ୍ର ଖବରକାଗଜ 'ଈଶ୍ୱର'ରେ ସାମ୍ବାଦିକତା କରୁଥିବା ସମୟରେ ସଂଗ୍ରହ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ଖବରକାଗଜର ସଂଖ୍ୟା ବଦଳୁଥାଏ । ତେବେ ବର୍ତ୍ତମାନ ମୋ ନିକଟରେ ୨୫୬୩ଟି ଖବରକାଗଜ ଥିବାବେଳେ ଏହା ୫୯ଟି ଦେଶ ଓ ୪୯ଟି ଭାଷାର ଅଟେ। ଏହାଛଡା ୨୦୧୨ ମସିହା ଜାନୁୟାରୀ'୨୬ ତାରିଖର ୩୯୨ଟି ଖବରକାଗଜ ସଂଗ୍ରହ ହୋଇଛି। ସର୍ବୋପରି ଆହୁରି ଅନେକ ଦିନ କିଛି ସ୍ୱତନ୍ତ୍ର ଖବର ପ୍ରକାଶ ପାଇଥିବା ବହୁ ସମ୍ବାଦପତ୍ର ମଧ୍ୟ ସଂଗ୍ରହ କରାଯାଇଛି।

ପ୍ର:- ଆନ୍ତର୍ଜାତିକ ସ୍ତରରେ ପ୍ରକାଶ ପାଉଥିବା ଖବରକାଗଜ ଗୁଡିକ ଆପଣ କେମିତି ସଂଗ୍ରହ କରୁଛନ୍ତି ?

ଉ:- ବିଦେଶରୁ ପ୍ରକାଶ ପାଉଥିବା ଖବରକାଗଜଗୁଡିକୁ ମୁଁ ନିୟମିତ ଭାବେ ଚିଠି ପ୍ରେରଣ କରିଥାଏ। ସେହି ମାଧ୍ୟମରେ ବହୁ ଖବରକାଗଜ ସଂଗ୍ରହ ହୋଇପାରିଛି। ଇସ୍ରାଏଲ୍‌ର 'ଜେରୁସାଲେମ ପୋଷ୍ଟ', ସାଉଦି ଆରବର 'ଆରବ ନିଉଜ', ଆମେରିକାର 'ସିଏରାଭିଷ୍ଟା ହେରାଲ୍ଡ', ଇଂଲଣ୍ଡର 'ଗ୍ଲିନର' ପାକିସ୍ତାନର 'ଜଙ୍ଗ ଓ ନିଉଜ', ଜାପାନର 'ମାଇନିଚି ଡ଼େଲି ନିଉଜ' ଆଦି ଏହି ପ୍ରକାରେ ମିଳିଛି। ଏହାଛଡା ଚିହ୍ନା-ଜଣା ବ୍ୟକ୍ତି ମାନଙ୍କ ଦ୍ୱାରା ବହୁ ବିଦେଶୀ ଖବରକାଗଜ ସଂଗ୍ରହ ହୋଇପାରିଛି।

ପ୍ର:- ଆପଣତ ଅନେକ ଭାଷା ଜାଣନ୍ତି ନାହିଁ ତେଣୁ କେଉଁ କାଗଜ କେଉଁ ଭାଷାର, ତାର ନାମ କ'ଣ ଇତ୍ୟାଦି କିପରି ଜାଣୁଛନ୍ତି ?

ଉ:- କେତେ ଦିନରେ ପ୍ରକାଶ ପାଉଛି, କେଉଁଠାରୁ ପ୍ରକାଶ ପାଉଛି, ତାର ନାମ କଣ ଇତ୍ୟାଦି ବୁଝି ଆସିବା ପାଇଁ ମୋ ପାଇଁ କାଗଜ କିଣୁଥିବା ବନ୍ଧୁଙ୍କୁ କହିଥାଏ । ଫଳରେ ସେମାନେ ବୁଝି ଆସିଥାନ୍ତି ଓ ମୋତେ କହିଥାନ୍ତି ।

ପ୍ର:- ଖବରକାଗଜଗୁଡ଼ିକ ଆପଣ କିପରି ରଖିଛନ୍ତି ?

ଉ:- ପ୍ରତ୍ୟେକ କାଗଜଗୁଡ଼ିକୁ ମୁଁ ଜରିରେ ବନ୍ଧାଇଛି । ପ୍ରତ୍ୟେକଟିରେ ଗୋଟିଏ ଷ୍ଟିକର ଲାଗିଛି । ଯେଉଁଥିରେ ଖବରକାଗଜଟିର ନାମ କଣ, କେତେ ଦିନରେ ପ୍ରକାଶ ପାଏ, କେଉଁଠାରୁ ପ୍ରକାଶ ପାଉଛି, ରାଜ୍ୟର ନାମ କଣ ଓ ଦେଶର ନାମ କଣ ଲେଖାଯାଇଛି । ମୋ ପାଖରେ ଥିବା ସମସ୍ତ କାଗଜରେ ମୁଁ ନିଜେ ଜରି ଲଗାଇଛି ଓ ଷ୍ଟିକର ଲେଖି ମାରିଛି ।

ପ୍ର:- ଆପଣଙ୍କ ସଂଗ୍ରହରେ କିଛି ବିଶେଷ ଖବରକାଗଜ ରହିଛିକି ?

ଉ:- ମୋ ପାଖରେ ରହିଥିବା ଖବରକାଗଜଗୁଡ଼ିକ ମଧ୍ୟରୁ ହାତ ଲେଖା ଖବରକାଗଜ ଝାଡ଼ଖଣ୍ଡର ଦୁମ୍‌କାରୁ ପ୍ରକାଶ ପାଉଥିବା 'ଦୀନ ଦଳିତ', ୧୯୪୭ ମସିହା ଅଗଷ୍ଟ ୧୫ ତାରିଖର 'ଷ୍ଟେଟସମ୍ୟାନ', ୧୯୫୮ ମସିହା ଫେବୃୟାରୀ ୧ ତାରିଖ 'ପ୍ରଜାତନ୍ତ୍ର', ୧୯୬୫ ମସିହା ଜାନୁୟାରୀ ୫ ତାରିଖ 'ସମାଜ', 'ସାପ୍ତାହିକ ସମାଜ' ଓ ଦୈନିକ 'ସମାଜ'ର ପୁରୁଣା ସ୍କାନ କାଗଜ, ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖ 'ପାଟଣା ଦୀପିକା', ୧୯୩୦ ମସିହା ଜୁଲାଇ ୧୯ ତାରିଖ 'ଉତ୍କଳ ଦୀପିକା' ଜେରକ୍ସ, ୧୯୨୬ ମସିହା 'ଗଡ଼ଜାତ ବାସିନୀ' ଜେରକ୍ସ, ୧୯୩୨ ମସିହା 'ପଲ୍ଲିବାସୀ' ଜେରକ୍ସ, ୧୯୧୪ ମସିହାର 'ଓଡ଼ିଆ ଓ ନବ ସମ୍ବାଦ' ଜେରକ୍ସ ଅନ୍ୟତମ ।

ପ୍ର:- ସଂଗ୍ରହରେ କିଛି ଭିନ୍ନତା ରହିଛି ?

ଉ:- ଓଡ଼ିଶା ନାମ ଥାଇ ୫୭ଟି, ଉତ୍କଳ ନାମ ଥାଇ ୨୭ଟି, ଟାଇମ୍ସ ନାମ ଥାଇ ୧୨୭, ସମୟ ନାମ ଥାଇ ୧୮ ଓ ଖବର ନାମ ଥାଇ ୬୮ଟି ଖବରକାଗଜ ସଂଗ୍ରହରେ ରହିଥିବା ଜଣାଯାଇଛି । ଏହାଛଡ଼ା ଗୋଟିଏ ଦିନର ୩୯୨ଟି ଖବରକାଗଜ ରହିଛି । ଯାହା ୨ଟି ଦେଶର ହୋଇଥିବାବେଳେ ୧୬ଟି ଭାଷାର ଅଟେ ।

ପ୍ର:- ସଂଗ୍ରହ କରିଥିବା ସମ୍ବାଦପତ୍ର ମଧ୍ୟରୁ କେଉଁ ଖବରକାଗଜଟି ସଂଗ୍ରହ କରି ଆପଣ ସର୍ବାଧିକ ଆନନ୍ଦ ପାଇଛନ୍ତି ?

ଉ:- ବିଦେଶୀ ଖବରକାଗଜ ସଂଗ୍ରହ କରିବା ପରଠାରୁ ପାକିସ୍ତାନ ଖବର କାଗଜ ସଂଗ୍ରହ କରିବାର ଇଚ୍ଛା ଅଧିକ ଥିଲା। ଦୀର୍ଘ ୧୪ ବର୍ଷ ପରେ ୨୦୧୫ ମସିହାର ଶେଷ ଭାଗକୁ ପାକିସ୍ତାନର ଦୁଇଟି ଖବରକାଗଜ 'ଜଙ୍ଗ ଓ ନିୟୁଜ' ସଂଗ୍ରହ କରିବାରେ ସର୍ବାଧିକ ଆନନ୍ଦ ମିଳିଥିଲା। ଏହି ଖବରକାଗଜ ଦୁଇଟି ତାଙ୍କ କାର୍ଯ୍ୟାଳୟରୁ ମୋ ନିକଟକୁ କୋରିୟର ମାଧ୍ୟମରେ ଆସିଥିଲା। ମେଲ୍ ମାଧ୍ୟମରେ ବହୁବାର ଚିଠି ଆଦାନ, ପ୍ରଦାନ ହେବା ପରେ 'ଜଙ୍ଗ' କାର୍ଯ୍ୟାଳୟ ଏହାକୁ ପ୍ରେରଣ କରିଥିଲେ। ଠିକ୍ ସେହିପରି କଟକ ସାଂସଦ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ ଆମେରିକାରୁ ଚାରୋଟି ଖବରକାଗଜ ସଂଗ୍ରହ କରି ଆଣିଥିଲେ। ମୁଁ ଯେଉଁ କଂପାନୀରେ କାର୍ଯ୍ୟ କରୁଛି ତାହାର ଚେୟାରମ୍ୟାନ ବିଜୟ ମହାଜନ ୩୪ଟି କାଗଜ ଆଣି ଦେଇଛନ୍ତି । ଧର୍ମଶାଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ନୃସିଂହ ଚରଣ ସାହୁ ଓଡିଶାର ପ୍ରଥମ ଖବରକାଗଜ 'ଉତ୍କଳ ଦୀପିକା'ର ଜେରକ୍ସ କପି ଓ ୧୯୪୫ ମସିହାର 'ପାଟଣା ଦୀପିକା' ଯୋଗାଇ ଦେଇଥିଲେ ଯାହା କି ଅତି ମାତ୍ରାରେ ଆନନ୍ଦ ଦେଇଥିଲା।

ପ୍ର:- ଆପଣ ଏହି ଖବରକାଗଜ ସଂଗ୍ରହକୁ ନେଇ କେଉଁ ସ୍ଥାନରେ ପ୍ରଦର୍ଶିତ କରିଛନ୍ତି କି ?

ଉ:- ମୋର ଖବରକାଗଜ ସଂଗ୍ରହ ହେବା ପରଠାରୁ ଚାରିଥର ପ୍ରଦର୍ଶନ କରାଯାଇଛି। ବାରିପଦାରେ ଦୁଇଥର, ଢେଙ୍କାନାଳ ଆଇଆଇଏମସି ପ୍ରାଙ୍ଗଣରେ ଥରେ ଓ ଭୁବନେଶ୍ୱର ପୁସ୍ତକ ମେଳା ପରିସରରେ ଗୋଟିଏ ଥର ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ପୁସ୍ତକ ମେଳାରେ ଏହା ଦୀର୍ଘ ବାର (୧୨) ଦିନ ଧରି ପ୍ରଦର୍ଶୀତ ହୋଇଥିବା ବେଳେ ପ୍ରତ୍ୟେକ ଦିନ ଅଲଗା ଅଲଗା ପ୍ରକାରର ଖବରକାଗଜ ପ୍ରଦର୍ଶନ କରାଯାଇଥିଲା। ଯେପରିକି ଦୈନିକ ଓଡିଆ, ଦୈନିକ ଇଂରାଜୀ, ଦୈନିକ ହିନ୍ଦୀ, ବିଦେଶୀ ଖବରକାଗଜ, ଗୋଟିଏ ଦିନର ୩୯୨ଟି ଖବରକାଗଜ 'କଳିଙ୍ଗ', 'ଉତ୍କଳ', 'ଓଡିଶା' ନାମ ଥାଇ ଖବରକାଗଜ ଇତ୍ୟାଦି।

ପ୍ର:- ଏହାଛଡ଼ା ଆପଣଙ୍କ ସଂପର୍କରେ କିଛି ଅନ୍ୟମାନେ ଜାଣିବା ଦରକାର ବୋଲି ଭାବୁଛନ୍ତି ?

ଉ:- ଖବରକାଗଜ ସଂଗ୍ରାହକ ପରିଚୟ ପରେ ମୋର ଆଉ ଏକ ପରିଚୟ ହେଉଛି ମୁଁ ୭ଟି ପୁସ୍ତକର ରଚୟିତା । ମୋର 'ବଡ଼ ଲୋକଙ୍କ ପିଲାଦିନ ପୁସ୍ତକ'ଟି ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ କ୍ରୟ କରିଛି । ନିକଟରେ ପ୍ରକାଶ ପାଇଥିବା 'ଖବରକାଗଜ ଅନେକ କଥା' ଖବରକାଗଜ ସଂଗ୍ରହ ସଂପର୍କିତ ପୁସ୍ତକ । ଏହାଛଡ଼ା ମୁଁ ଓଡ଼ିଶାର ପ୍ରଥମ ଶିଶୁ କିଶୋର ଖବରକାଗଜ ପ୍ରକାଶ କରିଥିଲି । 'ଶିଶୁ ପ୍ରତିଯୋଗୀ' ନାମକ ଏହି ଖବରକାଗଜ ଅଧୁନା ସୁପ୍ତ । 'ସାରାଂଶ' ନାମକ ପାକ୍ଷିକ ଖବରକାଗଜ ପ୍ରକାଶ ଅପେକ୍ଷାରେ ରହିଛି । ଖବରକାଗଜ ସଂଗ୍ରହ ସମେତ ମୁଁ କଲେଜ ମାଗାଜିନ, ନିଉଜଲେଟର, ସ୍ମରଣିକା, ଓଡ଼ିଆ ପତ୍ରିକା ଆଦି ମଧ୍ୟ ସଂଗ୍ରହ କରିଥାଏ ।

ପ୍ର:- ଖବରକାଗଜ ସଂର୍ପକିତ ଆପଣଙ୍କ ପୁସ୍ତକ ବାବଦରେ କ'ଣ କହିବେ ?

ଉ:- ଚଳିତ ବର୍ଷ ଖବରକାଗଜ ସଂପର୍କିତ ମୋର ପୁସ୍ତକ "ଖବରକାଗଜ ଅନେକ କଥା" ଲୋକାର୍ପିତ ହୋଇଛି । ଏହା ସାଧାରଣ ପାଠକଙ୍କୁ ଖବରକାଗଜ ସଂପର୍କରେ ସମ୍ୟକ ଧାରଣା ହେବ ବୋଲି ଆଶା ଓ ବିଶ୍ୱାସ । ଏଥିରେ ପୃଥିବୀର ପ୍ରଥମ ଖବରକାଗଜ, ଭାରତର ପ୍ରଥମ ଖବରକାଗଜ, ଓଡ଼ିଶାର ପ୍ରଥମ ଖବରକାଗଜ, ଶିଶୁ ଖବରକାଗଜ, ମହିଳା ଖବରକାଗଜ, ବାଣିଜ୍ୟ ଖବରକାଗଜ, କୃଷି ଖବରକାଗଜ, ନିଯୁକ୍ତି ଖବରକାଗଜ ଓ ଅନ୍ୟାନ୍ୟ ଅନେକ ତଥ୍ୟ ରହିଛି । ସର୍ବୋପରି ଏଥିରେ ଓଡ଼ିଶାରୁ ପ୍ରକାଶ ପାଉଥିବା ୮୫ଟି ଦୈନିକ ଖବରକାଗଜର ଯୋଗାଯୋଗ ଠିକଣା ସନ୍ନିବେଶିତ ହୋଇଛି । ଯାହାକି ଖବରକାଗଜ କାର୍ଯ୍ୟାଳୟ ସହ ସାଧାରଣ ଲୋକଙ୍କୁ ଯୋଗାଯୋଗ କରିବା ପାଇଁ ସହଜସାଧ୍ୟ ହେବ ।

ପ୍ର:- କୌଣସି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ତରଫରୁ କିଛି ସମାଲୋଚନାରେ ଆପଣ ବ୍ୟଥିତ ହୋଇଛନ୍ତି କି ?

ଉ:- ଖବରକାଗଜ ସଂଗ୍ରହ ପାଇଁ ବହୁ ଅନୁଷ୍ଠାନ ସମ୍ମାନିତ କରିଛନ୍ତି। ତନ୍ମଧ୍ୟରୁ ଲିମ୍କା ବୁକ୍ ଅଫ ରେକର୍ଡସ ଓ ଇଣ୍ଡିଆ ବୁକ୍ ରେକର୍ଡ୍‌ସ ଅନ୍ୟତମ। ବହୁ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ଅନେକ ଏହାକୁ ନିନ୍ଦା କରିଛନ୍ତି। ତେବେ କୌଣସି କଥାକୁ ଖାତିର ନ କରି ସଂଗ୍ରହ ଚାଲିଛି।

ପ୍ର:- ଖବରକାଗଜ ସଂଗ୍ରହ ଦ୍ୱାରା ସମାଜର କି ଲାଭ ହେବ ଏବଂ ଆପଣଙ୍କ ଭବିଷ୍ୟତ ଯୋଜନା କ'ଣ ?

ଉ:- ଯେପରିକି ମୁଁ କହୁଥିଲି ପରବର୍ତ୍ତୀ ପିଢି ଖବରକାଗଜ ସର୍ମ୍ପକରେ ଜାଣି ପାରିବେ। ଖବରକାଗଜ ହେଉଛି ସମାଜର ପ୍ରତିଛବି। ଗୋଟିଏ ସମୟରେ ପ୍ରକାଶ ପାଉଥିବା ଖବରକାଗଜ ସେହି ସମୟର ଇତିହାସ ଓ ସାମାଜିକ କଥା କହେ। ସାମାଜିକ ଚେତନା,ରାଜନୀତିକ ମତବାଦ, ଭୌଗୋଳିକ ସ୍ଥିତି, ସମାଜର ଅବସ୍ଥା ଇତ୍ୟାଦି ଖବରକାଗଜରୁ ଜଣାପଡେ। ଏଣୁ ସଂଗ୍ରହ ହୋଇଥିବା ଖବରକାଗଜଗୁଡିକ ଗୋଟିଏ ଗୋଟିଏ ଦସ୍ତାବିଜ। ଏହା ଗବେଷକମାନଙ୍କୁ ଅନେକ ଖୋରାକ ଯୋଗାଇବ। ମୋର ମାନସ ପୁତ୍ର ଦୋଳଗୋବିନ୍ଦ ଖବରକାଗଜ ସଂଗ୍ରହାଳୟ ଏପରି ଏକ ଉଦ୍ୟମ। ଏହା ପ୍ରତିଷ୍ଠା ହୋଇଗଲାପରେ ସାଧାରଣ ଦର୍ଶକ ଓ ଗବେଷକମାନଙ୍କୁ ବହୁ ସହାୟତା ପ୍ରଦାନ କରିବ ।

ପ୍ର:- ନୂତନ କରି ସଂଗ୍ରହ କରୁଥିବା ପିଲାମାନଙ୍କ ପାଇଁ କିଛି ପରାମର୍ଶ ?

ଉ:- ମୁଁ ବା କଣ ପରାମର୍ଶ ଦେବି କେବଳ ଏତିକି କହି ପାରିବି ଦୁନିଆର ପ୍ରତ୍ୟେକ ପଦାର୍ଥର କିଛିନା କିଛି ମୂଲ୍ୟ ରହିଛି ତେଣୁ ପ୍ରତ୍ୟେକ ଦରବକୁ ଆଦର କରିବା ଉଚିତ ।